*EXTRAORDINARY* REGISTERED No P-388.

# MAYURBHANJ STATE GAZETTE

PUBLISHED BY AUTHORITY

BARIPADA, NOVEMBER 23, 1938

## ORDER.

# The Mayurbhanj Praja Sabha Order, 1938.

*The 23rd November, 1938.*

Whereas it is the intention of the Maharaja to bring the people of Mayurbhanj into closer touch with the State administration; and whereas it is expedient, as a step in that direction, to constitute regular representative organisations in order to enable them to formulate local opinion in all matters concerning the well-being of the people in general and serve as mediums of communication of such opinion to the State authorities;

It is hereby Ordered as follows:—

1. (1) This Order shall be called the Mayurbhanj Praja Sabha Order, 1938.

(2) It shall extend to the whole of Mayurbhanj State, and shall come into force on such date as may be notified in the State Gazette.

2. There shall be constituted a Praja Sabha in each of the four Sub-divisions, viz., Bamanghati, Panchpir, Kaptipada and Sadar (excluding the Municipal Town of Baripada), and in the Municipal Town of Baripada.

3. (1) A Praja Sabha of each Sub-division shall be constituted in such manner as may be declared by notification in the State Gazette;

Provided that a Praja Sabha shall be composed of:

(a) such number of members as may be prescribed by notification in the State Gazette, to be elected by the adult male population of the Sub-division concerned; and

(b) such number of members to be nominated by the Dewan as may amount to not more than 50 per cent of the members to be elected under the preceding sub-clause.

(2) In the case of the Municipal Town of Baripada, the following shall constitute the Praja Sabha:

(a) such number of members, as may be prescribed by notification in the State Gazette, to be elected by persons whose names may appear in the register of voters of the Baripada Municipality for purposes of election of Municipal Commissioners;

(b) such number of members to be nominated by the Dewan as may amount to not more than 50 per cent of the members to be elected under the preceding sub-clause.

4. The Land Revenue Officer, Sadar, and the Sub-divisional Officers of Bamanghati, Panchpir and Kaptipada shall be the Chairmen of the Praja Sabhas of the respective Sub-divisions; and the Sadar Sub-divisional Officer shall be the Chairman of the Baripada Praja Sabha.

5. (1) Every Praja Sabha shall function for three years from the date of its first meeting, after which it shall stand dissolved;

Provided that a Praja Sabha may be sooner dissolved by the Dewan, or its term may be extended by him by a period not exceeding two years.

(2) In the event of the dissolution of a Praja Sabha it shall be reconstituted within a period not exceeding six months from the date of its dissolution.

6. (1) A Praja Sabha shall meet at least twice a year, at such time and place as may be notified by its Chairman;

Provided that the Chairman shall summon a meeting on the written requisition of not less than one-third of the total number of members of a Praja Sabha, for the discussion of any specific subject mentioned in the requisition.

(2) Notices of meetings shall be sent in writing to each member at least ten days before the date of the meeting, unless in the opinion of the Chairman any special circumstances justify a shorter notice in any instance.

7. A Praja Sabha may, at any duly convened meeting, consider all questions affecting the well-being of the people, including matters relating to:

(a) education,

(b) public health and medical relief,

(c) water supply,

(d) agriculture,

(e) communication, and

(f) grievances of a general character, deserving consideration of the State authorities.

8. The Chairman shall be responsible for maintaining a record of the proceedings of every meeting of a Praja Sabha, and shall forward a copy of such proceedings to the Secretary, (General Department), Mayurbhanj State, within a week of the termination of the meeting.

9. Rules may be promulgated by the notification in the State Gazette for carrying out the objects of this Order, and in particular, for

(a) determining the constituencies or electoral units for which members of a Praja Sabha are to be elected, and fixing the number of members to be elected to represent each such constituency or unit;

(b) prescribing the procedure for election of members of the Praja Sabhas, and for settlement of any dispute in relation to such election; and

(c) guiding the procedure for the conduct of business by the Praja Sabhas.

10. All questions relating to the interpretation of the provisions of this Order, and of the rules or notifications promulgated under this Order, shall be referred to the Dewan whose decision on such references shall be final.

11. No Court shall take cognisance of any application, suit or other proceedings, questioning the correctness or validity of any action taken in pursuance of this Order or any rules or notifications promulgated under this Order.

By Order,
P. K. DAS,
*Assistant Secretary.*

# ମୟୂରଭଞ୍ଜ ଷ୍ଟେଟ୍ ଗେଜେଟ୍

ବାରିପଦା, ନଭେମ୍ବର ୨୩, ୧୯୩୮

## ୧୯୩୮ ମସିହାର ମୟୂରଭଞ୍ଜ ପ୍ରଜାସଭା ଆଦେଶ

ନଭେମ୍ବର ୨୩ ତାରିଖ, ୧୯୩୮

ଯେହେତୁ ମୟୂରଭଞ୍ଜର ପ୍ରଜାମାନଙ୍କୁ କ୍ରମଶଃ ଷ୍ଟେଟ୍ ଶାସନତନ୍ତ୍ରର ଘନିଷ୍ଠ ସମ୍ପର୍କରେ ଆଣିବା ଶ୍ରୀମନ୍ ମହାରାଜା ମହୋଦୟଙ୍କର ଅଭିପ୍ରାୟ ଏବଂ ଯେହେତୁ ଲୋକହିତକର ଉଦ୍ୟମରେ ଜନମତ ସଂଗ୍ରହ କରିବା ଏବଂ ସେହି ସେହି ମତ ଷ୍ଟେଟ୍ କର୍ତ୍ତୃପକ୍ଷଙ୍କ ନିକଟରେ ଉପସ୍ଥାପିତ କରିବା ନିମିତ୍ତ ବିଧିବଦ୍ଧ ପ୍ରତିନିଧିମୂଳକ ଅନୁଷ୍ଠାନର ସଂଗଠନ ଆବଶ୍ୟକ,

ତେଣୁ ଏତଦ୍ଦ୍ୱାରା ନିମ୍ନଲିଖିତ ରୂପେ ଆଦେଶ କରାଗଲା:—

୧ । (୧) ଏହି ଆଦେଶ "୧୯୩୮ ମସିହାର ମୟୂରଭଞ୍ଜ ପ୍ରଜାସଭା ଆଦେଶ" ନାମରେ ଅଭିହିତ ହେବ ।

(୨) ଏହା ମୟୂରଭଞ୍ଜ ଷ୍ଟେଟରେ ସର୍ବତ୍ର ପ୍ରଚଳିତ ହେବ ଏବଂ କେଉଁ ଦିନଠାରୁ ଏହାର ପ୍ରଚଳନ ହେବ ତାହା ଷ୍ଟେଟ୍ ଗେଜେଟ୍‌ରେ ଘୋଷିତ ହେବ ।

୨ । ଏହି ପ୍ରଜାସଭା ନିମ୍ନଲିଖିତ ସ୍ଥାନମାନଙ୍କରେ ଗଠିତ ହେବ, ଯଥା:—

(୧) ବାମ୍ଚଣଘାଟୀ ସବ୍-ଡିଭିଜନ

(୨) ପାଞ୍ଚପୀଡ଼ "

(୩) କପ୍ତିପଦା "

(୪) ସଦର ସବ୍-ଡିଭିଜନ (ବାରିପଦା ଟାଉନ ବ୍ୟତୀତ )

ଏବଂ (୫) ବାରିପଦା ଟାଉନ ।

୩ । (୧) ସବ୍-ଡିଭିଜନଓ୍ୱାରି ପ୍ରଜାସଭାର ନିୟମାବଳି ଷ୍ଟେଟ ଗେଜେଟରେ ବିଶଦ ଭାବରେ ପ୍ରକାଶିତ ହେବ ମାତ୍ର,

(କ) ସବ୍-ଡିଭିଜନର ସମସ୍ତ ପୂର୍ଣ୍ଣବୟସ୍କ ପୁରୁଷମାନଙ୍କର ପ୍ରତିନିଧି ନିର୍ବାଚନ କରିବାର କ୍ଷମତା ରହିଲା । କେଉଁ ସବ୍-ଡିଭିଜନରୁ କେତେ ଜଣ ପ୍ରତିନିଧି ନିର୍ବାଚିତ ହେବେ, ତାହା ଷ୍ଟେଟ ଗେଜେଟରେ ପ୍ରକାଶିତ ହେବ ।

(ଖ) ସବ୍-ଡିଭିଜନରୁ ନିର୍ବାଚିତ ସଭ୍ୟ ସଂଖ୍ୟାର ଅର୍ଦ୍ଧେକ କିମ୍ବା ତାଠାରୁ କମ ସଂଖ୍ୟକ ସଭ୍ୟ ଦେଓ୍ୱାନ ମନୋନୀତ କରି ପାରିବେ ।

(୨) ବାରିପଦା ଟାଉନରେ ନିମ୍ନଲିଖିତ ଭାବେ ପ୍ରଜାସଭା ଗଠିତ ହେବ ।

(କ) ବାରିପଦାରେ ମ୍ୟୁନିସିପାଲ କମିସନର ନିର୍ବାଚନର ଭୋଟର ମାନଙ୍କର ପ୍ରତିନିଧି ନିର୍ବାଚନ କରିବାର କ୍ଷମତା ରହିଲା । ତେବେ କେତେ ଜଣ ପ୍ରତିନିଧି ନିର୍ବାଚିତ ହେବେ, ତାହା ଷ୍ଟେଟ ଗେଜେଟରେ ପ୍ରକାଶିତ ହେବ ।

(ଖ) ବାରିପଦା ଟାଉନରୁ ନିର୍ବାଚିତ ସଭ୍ୟ ସଂଖ୍ୟାର ଅର୍ଦ୍ଧେକ କିମ୍ବା ତାଠାରୁ କମ ସଂଖ୍ୟକ ସଭ୍ୟ ଦେଓ୍ୱାନ ମନୋନୀତ କରି ପାରିବେ ।

୪ । ସଦର ସବ୍-ଡିଭିଜନରେ ଲେଣ୍ଡ ରେଭିନ୍ୟୁ ଅଫିସର, ବାମ୍ଚଣଘାଟୀ, ପାଞ୍ଚପୀଡ଼ ଓ କପ୍ତିପଦାରେ ସ୍ଥାନୀୟ ସବ୍-ଡିଭିଜନ ଅଫିସରମାନେ ଏବଂ ବାରିପଦା ଟାଉନରେ ସଦର ସବ୍-ଡିଭିଜନ ଅଫିସର ପ୍ରଜାସଭାମାନଙ୍କର ଚେୟାରମ୍ୟାନ୍ ବା ସଭାପତିର କାର୍ଯ୍ୟ କରିବେ ।

୫ । (୧) ପ୍ରତ୍ୟେକ ପ୍ରଜାସଭା ପ୍ରଥମ ବୈଠକ ଠାରୁ ତିନି ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେବ ।

ମାତ୍ର ଦେଓ୍ୱାନ ଯେ କୌଣସି ସମୟରେ ପ୍ରଜାସଭାକୁ ଭାଙ୍ଗି ଦେଇ ପାରନ୍ତି ଓ ଦୁଇ ବର୍ଷ ପର୍ଯ୍ୟନ୍ତ ତାହାର କାର୍ଯ୍ୟକାଳ ବଢ଼ାଇ ଦେଇପାରନ୍ତି ।

(୨) ପ୍ରଜାସଭାର କାର୍ଯ୍ୟକାଳ ଶେଷ ହେବା ଦିନ ଠାରୁ ଛ ମାସ ମଧ୍ୟରେ ଏହା ପୁନର୍ଗଠିତ ହେବ ।

୬ । (୧) ପ୍ରଜାସଭା ବର୍ଷରେ ଅନ୍ତତଃ ଦୁଇ ଥର ବସିବ । ସଭାର ସ୍ଥାନ ଓ ସମୟ ସମ୍ବନ୍ଧରେ ନୋଟିସ ଦ୍ୱାରା ଅବଗତ କରାଇବେ ।

ମାତ୍ର କୌଣସି ବିଶିଷ୍ଟ ବିଷୟର ଆଲୋଚନା ଆବଶ୍ୟକ ହେଲେ ସମୁଦାୟ ସଭ୍ୟ ସଂଖ୍ୟାର ଅନ୍ୟୂନ ଏକ-ତୃତୀୟାଂଶ ସଭ୍ୟଙ୍କ ଲିଖିତ ଆବେଦନରେ ସଭାପତି ଉକ୍ତ ବିଷୟର ଆଲୋଚନା ନିମନ୍ତେ ପ୍ରଜାସଭା ଆହ୍ୱାନ କରିବେ ।

(୨) ସଭାପତି ପ୍ରଜାସଭା ଅଧିବେଶନର ଅନ୍ତତଃ ଦଶ ଦିନ ପୂର୍ବରୁ ପ୍ରତ୍ୟେକ ସଭ୍ୟଙ୍କୁ ଲିଖିତ ନୋଟିସ ଦ୍ୱାରା ଅବଗତ କରାଇବେ । ମାତ୍ର କୌଣସି ବିଶିଷ୍ଟ କାରଣ ବଶତଃ ସଭାପତି ଉଚିତ ବିବେଚନା କଲେ, ନୋଟିସର ସମୟ ଊଣା କରି ପାରନ୍ତି ।

୭ । ଯଥାଯଥ ଭାବରେ ଆହୂତ ପ୍ରଜାସଭାରେ ସାଧାରଣ ହିତକର ସମସ୍ତ ବିଷୟ ଆଲୋଚିତ ହୋଇ ପାରିବ । ଯଥା:—

(କ) ଶିକ୍ଷା

(ଖ) ସ୍ୱାସ୍ଥ୍ୟ ଓ ଚିକିତ୍ସା

(ଗ) ଜଳ-ସରବରାହ

(ଘ) କୃଷି

(ଙ) ରାସ୍ତାଘାଟ

(ଚ) ଷ୍ଟେଟ କର୍ତ୍ତୃପକ୍ଷଙ୍କର ବିଶେଷ ଉପଯୋଗୀ ସାଧାରଣ ଅଭାବ ଓ ଅଭିଯୋଗାଦି ।

୮ । ସଭାପତି ପ୍ରତ୍ୟେକ ସଭାର କାର୍ଯ୍ୟାବଳୀ ଲିପିବଦ୍ଧ କରିବେ ଓ ତାହାର ନକଲ ଏକ କପି ସଭାର ସାତ ଦିନ ମଧ୍ୟରେ ସେକ୍ରେଟେରୀ ( ଜେନେରେଲ ଡିପାର୍ଟ୍‌ମେଣ୍ଟ ), ମୟୂରଭଞ୍ଜଷ୍ଟେଟ୍‌ଙ୍କ ପାଖକୁ ପଠାଇବେ ।

୯ । ଏହି ଆଦେଶର ଉଦ୍ଦେଶ୍ୟ ସାଧନ ନିମନ୍ତେ ଯେଉଁ ସମସ୍ତ ବିଧି ପ୍ରଣୀତ ହେବ ତାହା ଷ୍ଟେଟ୍ ଗେଜେଟ୍‌ରେ ପ୍ରକାଶିତ ହେବ । ବିଶେଷତଃ ନିମ୍ନଲିଖିତ ବିଷୟ ସମ୍ବନ୍ଧରେ ବିଧି ପ୍ରଣୟନ କରାଯିବ । ଯଥା:—

(କ) ପ୍ରଜାସଭାର ନିର୍ବାଚନ ମଣ୍ଡଳର ସୀମା ନିର୍ଦ୍ଧାରଣ ଓ ପ୍ରତ୍ୟେକ ନିର୍ବାଚନ ମଣ୍ଡଳର ପ୍ରତିନିଧି ସଂଖ୍ୟା ନିର୍ଣ୍ଣୟ ;

(ଖ) ପ୍ରଜାସଭାର ସଭ୍ୟମାନଙ୍କର ନିର୍ବାଚନର କାର୍ଯ୍ୟ ପ୍ରଣାଳୀ ନିରୂପଣ ଏବଂ ନିର୍ବାଚନ ସମ୍ପୃକ୍ତ ବିବାଦର ସମାଧାନ; ଏବଂ

(ଗ) ପ୍ରଜାସଭାର କାର୍ଯ୍ୟ ପ୍ରଣାଳୀର ନିୟନ୍ତ୍ରଣ ।

୧୦ । ଏହି ଆଦେଶର ବ୍ୟବସ୍ଥା ଏବଂ ଅନ୍ୟାନ୍ୟ ବିଧି ବିଧାନର ତାତ୍ପର୍ଯ୍ୟ ସମ୍ବନ୍ଧରେ କୌଣସି ସନ୍ଦେହ ଉପସ୍ଥିତ ହେଲେ ତାହା ଦେୱାନଙ୍କ ବିଚାର ପାଇଁ ପଠା ହେବ ଏବଂ ଏ ସମ୍ବନ୍ଧରେ ତାଙ୍କର ନିଷ୍ପତ୍ତି ଚୂଡ଼ାନ୍ତ ବୋଲି ଗଣ୍ୟ ହେବ ।

୧୧ । ଏହି ଆଦେଶର ବା ଏହି ଆଦେଶର ଅନ୍ୟାନ୍ୟ ବିଧିବିଧାନ ଅନୁଯାୟୀ ଯେଉଁ କାର୍ଯ୍ୟ କରାଯିବ ତାହାର ଯଥାର୍ଥତା ବା ନ୍ୟାଯ୍ୟତା ବିରୁଦ୍ଧରେ କୌଣସି ଦରଖାସ୍ତ, ମୋକଦ୍ଦମା ବା ଅନ୍ୟ କୌଣସି ପ୍ରକାର ଅଭିଯୋଗ କୌଣସି ଅଦାଲତ ଗ୍ରହଣ କରି ପାରିବେ ନାହିଁ ।

ଆଦେଶକ୍ରମେ
ପି. କେ. ଦାସ,
ଆସିଷ୍ଟାଣ୍ଟ ସେକ୍ରେଟେରୀ ।

Printed at the Mayurbhanj State Press, Baripada.